# ସମନ୍ବିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ , ବେତନଟୀ

## ନୋଟିସ

ବିଜ୍ଞାପନ ସଂଖ୍ୟା : ୩୦୦୧ // ତାରିଖ : ୨୩.୦୯.୨୦୨୬

ଏତଦ୍ ଦ୍ଵାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଶିଶୁ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟ , ବେତନଟୀ ଅଧିନରେ ଖାଲିପଡିଥିବା ୫ (ପାଞ୍ଚ) ଗୋଟି ଅଙ୍ଗନୱାଡ଼ିକେନ୍ଦ୍ରର କର୍ମୀ ପଦବୀପୂରଣ ନିମନ୍ତେ ସଂପୃକ୍ତ ସେବାଞ୍ଚଳର ଦ୍ଵାଦଶ ଶ୍ରେଣୀ (+୨) ପାସ ଯୋଗ୍ୟତା ସମ୍ପନ୍ନ କେବଳ ଅନୁସୂଚିତ ଜନଜାତି (ଆଦିବାସୀ) ମହିଳା ପ୍ରାର୍ଥିନୀମାନଙ୍କଠାରୁ ଦରଖାସ୍ତ ଆହ୍ଵାନ କରାଯାଉଅଛି । ଦରଖାସ୍ତ ଆବେଦନର ଶେଷ ତା୦୮/୧୦/୨୦୨୬ରିଖ । ନିର୍ଦ୍ଧାରିତ ଦିବସ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ

*ବି ଦ୍ର: -*

କ ) ଆବେଦନ ପତ୍ର କେବଳ ଅନ୍ ଲାଇନ୍ (Online ) ମାଧ୍ୟମରେ ଗ୍ରହଣ କରାଯିବ । ଇଚ୍ଛୁକ ପ୍ରାର୍ଥିନୀମାନେ website http://engagement-awc.odisha.gov.in/landing ରେ ପ୍ରଥମେ ରେଜିଷ୍ଟ୍ରେସନ କରିବେ ଏବଂ Public Login କରି (using Username and Password) ନିର୍ଦ୍ଧାରିତ ତାରିଖ (ତା୨୪/୦୯/୨୦୨୬ରିଖ ରୁ ତା୦୮/୧୦/୨୦୨୬ରିଖ) ତଥା ସମୟ ମଧ୍ୟରେ ଆବେଦନ କରି ତତ୍ ସମ୍ପର୍କିତ ସ୍ଵୀକାରୋକ୍ତି ପାଇପାରିବେ ।

ଖ ) ଓଡିଶା ସରକାରଙ୍କ ଦ୍ଵାରା ମହିଳା ଓ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା WCD-ICDS-G-MISC-0033-2022/4970 /WCD,dt:-15.03.2023 ରିଖ ଅନୁସାରେ କେବଳ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ସେବା ଅଞ୍ଚଳ ପରିସର ଭୁକ୍ତ ଅନୁସୂଚିତ ଜନଜାତି (ଆଦିବାସୀ) ମହିଳା ପ୍ରାର୍ଥୀନୀଙ୍କୁ ନିଯୁକ୍ତି ଦିଆଯିବ ।

ଗ ) ସମସ୍ତ ଦରଖାସ୍ତକାରିଣୀ ମାନଙ୍କୁ ସୂଚିତ କରାଯାଉଅଛି ଯେ, ଆସନ୍ତା ତା୦୯/୧୦/୨୦୨୬ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରିଣୀଙ୍କ ଉପସ୍ଥିତିରେ ସମସ୍ତ ପ୍ରମାଣପତ୍ରର ମୂଳପ୍ରମାଣପତ୍ର ସହିତ ଯାଞ୍ଚ କରାଯିବ । ପ୍ରାର୍ଥିନୀ ନିଜେ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହି ଯାଞ୍ଚ କରାଇନପାରିଲେ ଦରଖାସ୍ତକୁ ନାକଚ କରିଦିଆଯିବ । ନିମ୍ନ ସ୍ଵାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ ଅଙ୍ଗନୱାଡ଼ି କର୍ମୀ ଚୟନକୁ କୌଣସି ମୁହୂର୍ତ୍ତରେ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରିପାରିବେ, ମାତ୍ର ଏଥିପାଇଁ କର୍ତ୍ତୃପକ୍ଷ ଉତ୍ତର ଦାୟୀ ରହିବେ ନାହିଁ ।

<u>ଅଙ୍ଗନୱାଡ଼ି କର୍ମୀପଦ ପୂରଣ ନିମନ୍ତେ ଖାଲି ପଡିଥିବା ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କର ନାମ ନିମ୍ନରେ ବର୍ଣ୍ଣନା କରାଗଲା।</u>

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | ଗ୍ରାମର ନାମ | ଆବେଦନ କରିବାକୁ ଥିବା ଅଙ୍ଗନୱାଡ଼ିର ନାମ | ମନ୍ତବ୍ୟ |
|---|---|---|---|---|
| ୧ | ମେରଦା | ଦୁର୍ଗାପୁର | ଦୁର୍ଗାପୁର | ଘର ନମ୍ବର ୧ ନିତ୍ୟାନନ୍ଦ ପ୍ରଧାନ ଠାରୁ ଘର ନମ୍ବର ୧୫୯ ଭାଟୁ ହେମ୍ବ୍ରମ ପର୍ଯ୍ୟନ୍ତ |
| ୨ | ମହିଷାଶୋଳ | ହେମପୁର<br>ବନମାଳିପୁର | ହେମପୁର | ଘର ନମ୍ବର ୧ ଅଭି ମହାନ୍ତ ଠାରୁ ଘର ନମ୍ବର ୧୦୦ କାହ୍ନୁ ଚରଣ ଦଳେଇ ପର୍ଯ୍ୟନ୍ତ<br>ଘର ନମ୍ବର ୧ ରୁହ୍ୟା ସୋରେନ ଠାରୁ ଘର ନମ୍ବର ୩୨ ବିଶ୍ଵେଶ୍ଵର ମାଝୀ ପର୍ଯ୍ୟନ୍ତ |
| ୩ | ପାଟଲୀପୁରା | ଦାରିହା | ଦାରିହା | ଘର ନମ୍ବର ୧ ଚନ୍ଦ୍ରକାନ୍ତ ପ୍ରଧାନ ଠାରୁ ଘର ନମ୍ବର ୧୧୯ ରବି ରଞ୍ଜନ ଜେନା ପର୍ଯ୍ୟନ୍ତ |
| ୪ | କଳମା | ମହେଶପୁର | ମହେଶପୁର | ଘର ନମ୍ବର ୧ ନିର୍ମଳଚନ୍ଦ୍ର ପତି ଠାରୁ ଘର ନମ୍ବର ୧୧୪ ମାନସ ରଞ୍ଜନ ବାରିକ ପର୍ଯ୍ୟନ୍ତ |
| ୫ | ଅଁଳା | ଅଁଳା | ଅଁଳା | ଘର ନମ୍ବର ୧ ବିରଞ୍ଚି ଦେହୁରୀ ଠାରୁ ଘର ନମ୍ବର ୨୨୩ ରାଧାମଣି ସାହୁ ପର୍ଯ୍ୟନ୍ତ |

<u>ଅଙ୍ଗନୱାଡ଼ି କର୍ମୀପଦବୀ ନିମନ୍ତେ ଆବେଦନ ପତ୍ର ଦାଖଲ କରିବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ଓ ନିୟମାବଳୀ ।</u>

୧) ପ୍ରାର୍ଥିନୀ କେବଳ ଜଣେ ଆଦିବାସୀ ସମ୍ପ୍ରଦାୟର ହୋଇଥିବେ।

୨) ପ୍ରାର୍ଥିନୀ ଦରଖାସ୍ତ ଆହ୍ଵାନ କରାଯାଉଥିବା କେନ୍ଦ୍ର /ପଡା ଅଞ୍ଚଳରେ ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩) ଆବେଦନକାରିଣୀଙ୍କର ବୟସ ତା ୦୧-୦୧-୨୦୨୬ ରିଖ ସୁଦ୍ଧା ୧୮ ବର୍ଷ (ସମ୍ପୂର୍ଣ୍ଣ ) ରୁ କମ୍ କିମ୍ବା ୩୫ ବର୍ଷରୁ (ସମ୍ପୂର୍ଣ୍ଣ ) ଅଧିକ ହୋଇ ନଥିବ ।

୪) ଅଙ୍ଗନୱାଡି କର୍ମୀ ପଦ ନିମନ୍ତେ ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଦ୍ଵାଦଶଶ୍ରେଣୀ (+୨) ପାସ୍ ହୋଇଥିବା ଦରକାର ।

୫) ଅଙ୍ଗନୱାଡି କର୍ମୀ ଚୟନ ପାଇଁ ଓଡିଆ ଭାଷା ଉପରେ ଜ୍ଞାନ ବାଧ୍ୟତା ମୂଳକ । ପ୍ରାର୍ଥିନୀ ଓଡ଼ିଆ ଲେଖିପାରୁଥିବେ , ପଢି ପାରୁଥିବେ ଓ କହିପାରୁଥିବେ । ସମାଜର ସବୁ ଶ୍ରେଣୀ ର ଲୋକଙ୍କ ସହିତ ମିଶି ପାରୁଥିବେ ।

ଓଡ଼ିଆ ବିଷୟ ରଖି Middle School Examination ପାସ କରିଥିବେ କିମ୍ବା ମାଟ୍ରିକ ବୋର୍ଡ଼ ପରୀକ୍ଷା ଓଡ଼ିଆ Medium ରେ ପାସ କରିଥିବେ ।

୬) ଅଙ୍ଗନୱାଡ଼ି ସହକର୍ମୀ ଯଦି ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ଥାଏ ଓ ଉପର ଲିଖିତ ନିୟମାବଳୀ ପୂରଣ କରିଥାନ୍ତି ଏବଂ ସେମାନେ ୫ ବର୍ଷରୁ ଉର୍ଦ୍ଧ କେନ୍ଦ୍ରରେ କାର୍ଯ୍ୟକରୁଥାନ୍ତି,ଅନୁସୂଚିତ ଜନଜାତି (ଆଦିବାସୀ) ଓ ଅନୁସୂଚିତ ଜାତି (ହରିଜନ) ନ ହୋଇଥିଲେ ମଧ ତାଙ୍କୁ ମନୋନୟନ କରାଯାଇ ପାରେ ।

୭) ପ୍ରାର୍ଥିନୀ ବିଧବା/ଅନାଥ/ଶାରୀରିକ ଭିନ୍ୟକ୍ଷମ(୪୦% ରୁ ଅଧିକ) /ନିରାଶ୍ରୟ/ ସ୍ୱାମୀ ପରିତ୍ୟକ୍ତା/ଛାଡପତ୍ର ପ୍ରାପ୍ତ ଓ ଦ୍ୱାଦଶ ଶ୍ରେଣୀ (+୨)ରୁ ଉର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା/ECCE କର୍ମୀ /BALWADI ର କର୍ମୀ ଥିଲେ ଅତିରିକ୍ତ ନମ୍ବର ପାଇପାରିବେ ।

୮) ପ୍ରାର୍ଥିନୀ ଚୟନ ର ଚୂଡାନ୍ତ ତାଲିକା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ । ପରବର୍ତ୍ତୀ ପଦକ୍ଷେପ ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଗ୍ରହଣ କରାଯିବ ।

<u>ଚୟନ ପ୍ରକ୍ରିୟା-</u> ଦ୍ୱାଦଶ ଶ୍ରେଣୀ (+୨) ପରୀକ୍ଷାରେ ଶତକଡା ମାର୍କ ଏବଂ ନିମ୍ନଲିଖିତ ଶ୍ରେଣୀଭୁକ୍ତ ପ୍ରାର୍ଥିନୀ ମାନଙ୍କୁ ସରକାରଙ୍କ ଅଙ୍ଗନୱାଡି କର୍ମୀ ଚୟନ ନିୟମାବଳୀ ଅନୁସାରେ ଏବଂ ପରବର୍ତ୍ତୀ ସମୟରେ ଏ ସଂକ୍ରାନ୍ତରେ ସରକାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଚିଠି ଅନୁସାରେ ଅତିରିକ୍ତ ମାର୍କ ପ୍ରଦାନ କରାଯିବ ।

୧) ଅନୁସୂଚୀତ ଜନଜାତି (ST) ହୋଇଥିଲେ ।
୨) ବିଧବାହୋଇଥିଲେ ।
୩) ଅନାଥ ହୋଇଥିଲେ ।
୪ ) ଶାରିରୀକ ଭିନ୍ନକ୍ଷମ ମହିଳା (୪୦ %ରୁ ଅଧିକ) ହୋଇଥିଲେ ।
୫ ) ନିରାଶ୍ରୟ/ ସ୍ୱାମୀ ପରିତ୍ୟକ୍ତା/ ଛାଡପତ୍ର ପ୍ରାପ୍ତ ମହିଳା ହୋଇଥିଲେ ।
୬ ) ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିଲେ ।
୭ ) ECCE କର୍ମୀ ହୋଇଥିଲେ ।
୮ ) ବାଲୱାଡି କର୍ମୀ ହୋଇଥିଲେ ।

*<u>ବିଶେଷ ଦ୍ରଷ୍ଟବ୍ୟ-</u>*

ସ୍ଥାନ ସଂରକ୍ଷଣ ନିୟମ (O.R.V.) Act-1975 କିମ୍ବା ନିଯୁକ୍ତି ନିୟମ ୧୯୫୯ ଉପରୋକ୍ତ ପଦବୀ ମନୋନୟନରେ ପ୍ରଯୁଜ୍ୟ ହେବନାହିଁ। କାରଣ ଅଙ୍ଗନୱାଡି କର୍ମୀ ଜଣେ ପାରିତୋଷିକ ଭୋଗୀ ସେଚ୍ଛାସେବୀ କର୍ମୀ ଅଟନ୍ତି । ନିର୍ଦ୍ଧାରିତ ଦରମା ହାର ଥାଇ ଜଣେ ସରକାରୀ କର୍ମଚାରୀ ନୁହଁନ୍ତି ।ଦରଖାସ୍ତ ଫର୍ମରେ ସଂଲଗ୍ନ କରିବା ପାଇଁ ନିମ୍ନରେ ପ୍ରଦତ୍ତ ସମସ୍ତ ପ୍ରମାଣ ପତ୍ରରେ ନିଜସ୍ୱାକ୍ଷରହୋଇଥିବା ଆବଶ୍ୟକ । ଜଣେ ଅଙ୍ଗନୱାଡି କର୍ମୀ ଭବିଷ୍ୟତରେ ସ୍ଥାୟୀ ଚାକିରୀ ନିମନ୍ତେ ଦାବୀ ଉପସ୍ଥାପନ କରିପାରିବେ ନାହିଁ । ସରକାରଙ୍କ ନିୟମ ଅନୁସାରେ ଅଙ୍ଗନୱାଡି କର୍ମୀଙ୍କ ମାସିକ ପାରିତୋଷିକ ୧୦,୦୦୦ /- ( ଦଶ ହଜାର) ଟଙ୍କା ଧାର୍ଯ୍ୟ କରାଯାଇଅଛି । ଏହା ସମ୍ପୂର୍ଣ ଭାବେ ଅସ୍ଥାୟୀ ଅଟେ ।

<u>ଆବଶ୍ୟକୀୟ ପ୍ରାମାଣ ପତ୍ର</u>

ଦରଖାସ୍ତ ଆବେଦନ କରିବା ସମୟରେ ପ୍ରାର୍ଥିନୀ ନିଜର ଆବଶ୍ୟକୀୟ Original ପ୍ରମାଣ ପତ୍ର ଗୁଡିକ scan କରିବା ପରେ online form ରେ upload କରିବେ ।

୧) ସଦ୍ୟ ପାସପୋର୍ଟ ଆକାରର ଗୋଟିଏ ଫୋଟ ।
୨) ଦ୍ୱାଦଶ ଶ୍ରେଣୀ (+୨)ପାସ୍ କରିଥିବା ପ୍ରାର୍ଥିନୀଙ୍କ +୨ ପାସ୍ ମାର୍କସିଟ୍ ସହିତ ସାର୍ଟିଫିକେଟ୍ online ରେ upload କରିବେ ।
୩) ଦ୍ୱାଦଶ ଶ୍ରେଣୀ (+୨)ପାସ୍ ରୁ ଉର୍ଦ୍ଧ୍ୱ ଯୋଗ୍ୟତା ଥିଲେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତାର ମାର୍କସିଟ୍ ସହିତ ସାର୍ଟିଫିକେଟ୍ online ରେ upload କରିବେ ।
୪) ଜନ୍ମ ତାରିଖ ପ୍ରମାଣପତ୍ର ନିମନ୍ତେ ମାଟ୍ରିକ୍ ବୋର୍ଡ ସାର୍ଟିଫିକେଟ୍ online ରେ upload କରିବେ । ମାଟ୍ରିକ୍ ବୋର୍ଡ marksheet online ରେ upload କରିବେ । ଏହା ଓଡ଼ିଆ ଭାଷା ଜ୍ଞାନ ପ୍ରମାଣପତ୍ର ପାଇଁ ଆବଶ୍ୟକ । ଓଡ଼ିଆ Medium ରେ ମାଟ୍ରିକ୍ ପାସ କରିନଥିଲେ, ଓଡ଼ିଆ ବିଷୟରେ ସପ୍ତମ (VII ) ପାସର ସାର୍ଟିଫିକେଟ୍ online ରେ upload କରିବେ ।
୫) ଜାତିଗତ ପ୍ରମାଣପତ୍ର- ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ । ଜାତିଗତ ପ୍ରମାଣପତ୍ର online ରେ upload ନ କଲେ ଆବେଦନ ପତ୍ରଟିକୁ ନାକଚ କରାଯିବ ।
୬) ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର- ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଦରକାର ଏବଂ Deputy secretary to Govt. (Govt of Odisha Revenue and Disaster Management Department) ଙ୍କ Resolution No RDM- GOEB-MISC-0039-2015-35875/R & DM Dt. 24/09/2018 ଅନୁଯାୟୀ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ର ଅବଧି ୫ (ପାଞ୍ଚ ) ବର୍ଷ କରାଯାଇଅଛି , ତେଣୁ ତା୦୮/୧୦/୨୦୨୧ରିଖ ପରଠାରୁ ଆବେଦନକାରୀ ବାହାର କରିଥିବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଉକ୍ତ ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ଗ୍ରହଣୀୟ ଅଟେ । ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର online ରେ upload ନ କଲେ ଆବେଦନ ପତ୍ରଟିକୁ ନାକଚ କରାଯିବ ।
୭) ବିଧବା ପ୍ରମାଣପତ୍ର, ସ୍ୱାମୀଙ୍କ ମୃତ୍ୟୁ ଜନିତ ପ୍ରମାଣ ପତ୍ର (Death Certificate ) ସଂପୃକ୍ତ ଅଫିସରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଦରକାର ତା ସହିତ online ରେ upload କରିବେ ।
୮) ଅନାଥ ବାଳିକା ହୋଇଥିଲେ- ଅନାଥ ପ୍ରମାଣପତ୍ର ଆବଶ୍ୟକ ତା ସହିତ online ରେ upload କରିବେ ବା ପିତା ଓ ମାତା ଉଭୟଙ୍କ ମୃତ୍ୟୁ ସାର୍ଟିଫିକେଟ online ରେ upload କରିବେ ।

୯) ସ୍ୱାମୀ ପରିତ୍ୟକ୍ତା/ଛାଡପତ୍ର ପ୍ରାପ୍ତ ମହିଳା ହୋଇଥିଲେ-- ସ୍ୱାମୀ ପରିତ୍ୟକ୍ତା/ଛାଡପତ୍ର କୋର୍ଟ ପ୍ରମାଣ ପତ୍ର ସହିତ online ରେ upload କରିବେ ।

୧୦) ପ୍ରାର୍ଥିନୀ ନିଜ ଦସ୍ତଖତ, ଆଧାର କାର୍ଡ ଓ ବର୍ତ୍ତମାନର ପାସପୋର୍ଟ ଫୋଟୋଗ୍ରାଫ୍ onlineରେ upload କରିବେ ।

୧୧) ଶାରିରୀକ ଭିନ୍ନକ୍ଷମ ପ୍ରମାଣ ପତ୍ର ସଂପୃକ୍ତ ଅଫିସରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ । ତା ସହିତ online ରେ upload କରିବେ ।

୧୨) ବାଲୱାଡି ବା ECCE କର୍ମୀ ଅଭିଜ୍ଞତା ସାର୍ଟିଫିକେଟ୍ ଶିକ୍ଷା ବିଭାଗର ସଂପୃକ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ । ତା ସହିତ online ରେ upload କରିବେ ।

ଆବେଦନ ପତ୍ରରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ୱା କୌଣସି ଦିଗରୁ ଅସମ୍ପୂର୍ଣ୍ଣ ହୋଇଥିଲେ , ସଂପୃକ୍ତ ଆବେଦନ ପତ୍ରଟିକୁ ନାକଚ କରି ଦିଆଯାଇପାରେ ।

_ବିଶେଷ ଦ୍ରଷ୍ଟବ୍ୟ-_

୧) ସମସ୍ତ ଆବେଦନକାରିଣୀ ମାନେ ତା୦୯/୧୦/୨୦୨୬ରିଖ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସକାଳ ୧୧ ଘଟିକା ସମୟରେ ସମସ୍ତ ମୂଳ ମାର୍କସିଟ୍ ଏବଂ ସାର୍ଟିଫିକେଟ୍ ସହିତ ଉପସ୍ଥିତ ରହି ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବେ । ମାତ୍ର ଉକ୍ତ ଦିନ ଅନୁପସ୍ଥିତ ଥିବା ପ୍ରାର୍ଥିନୀମାନଙ୍କର ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

୨) ନିର୍ଭୁଲ ଭାବରେ ପୂରଣ ହୋଇଥିବା ଦରଖାସ୍ତ ଫର୍ମ ଏବଂ ସମସ୍ତ ଆବଶ୍ୟକୀୟ ପ୍ରମାଣ ପତ୍ର ସଂଲଗ୍ନ ହୋଇ ଥିବା ଫର୍ମକୁ ବିଚାରକୁ ନିଆଯିବ । ସାର୍ଟିଫିକେଟ୍ ଯାଞ୍ଚ ଦିନ ଆବେଦନ ଫର୍ମରେ ସଂଲଗ୍ନ ହୋଇ ନ ଥିବା କୌଣସି ସାର୍ଟିଫିକେଟ୍ ଗ୍ରହଣ କରାଯିବ ନାହିଁ।

C Behera 23/9/26
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ବେତନଟୀ
Child Development Project Office BETNOTI

ପରିପତ୍ର ସଂଖ୍ୟା : ୨୦୦୨ // ତାରିଖ ୨୩.୦୯.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ ତଥା ଅଙ୍ଗନୱାଡି କର୍ମୀ ଚୟନ କମିଟି ଅଧକ୍ଷ୍ୟ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ମୟୂରଭଞ୍ଜ /ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେତନଟୀ / ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବେତନଟୀ / ଗୋଷ୍ଠୀ ଶିକ୍ଷା ଅଧିକାରୀ, ବେତନଟୀ /ଅଧକ୍ଷ, ବେତନଟୀ ପଞ୍ଚାୟତ ସମିତି/ ବି.ଏସ.ଏସ.ଓ, ବେତନଟୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

C Behera 23/9/26
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ବେତନଟୀ
Child Development Project Office BETNOTI

ପରିପତ୍ର ସଂଖ୍ୟା : ୨୦୦୩ // ତାରିଖ ୨୩.୦୯.୨୦୨୬

ଏହାର ଏକକିତା ନକଲ ସରପଞ୍ଚ ମେରଦା, ମହିଷାଶୋଳ, ପାଟଳୀପୁରା, କଳମା, ଅଁଳାଙ୍କ ଅବଗତି ଓ ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ସେମାନଙ୍କ ଗ୍ରାମପଞ୍ଚାୟତ ନୋଟିସ ବୋର୍ଡରେ ବିଜ୍ଞାପନଟିକୁ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବେ ।

C Behera 23/9/26
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ବେତନଟୀ
Child Development Project Office BETNOTI

ପରିପତ୍ର ସଂଖ୍ୟା : ୨୦୦୪ // ତାରିଖ ୨୩.୦୯.୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ମହିଳା ପରିଦର୍ଶିକା ପୁରିନ୍ଦା, ଖୁଣ୍ଟାପୁର, ଗଡ଼ଦେଉଳିଆ , ବୈଶିଙ୍ଗା, ଅଁଳାଙ୍କ ଅବଗତି ଓ ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀ ପୋଇଶିଳା I/C ଦୁର୍ଗାପୁର, ବିଷ୍ଣୁପୁର I/C ହେମପୁର, ବେଲାଣପୁର I/C ଦାରିହା, ତାଳପଦା I/C ମହେଶପୁର, ତେନ୍ତୁଳିଗାଁ I/C ଅଁଳାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି , ସେମାନେ ଏହି ବିଜ୍ଞାପନକୁ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ସେବା ପରିସର ଅଞ୍ଚଳରେ ପ୍ରତି ଘରକୁ ଘର ବୁଲାଇ ସମସ୍ତଙ୍କୁ ଏବିଷୟରେ ଅବଗତ କରାଇବା ସହିତ ଦସ୍ତଖତ ମଧ କରାଇବେ ଏବଂ ଦସ୍ତଖତ ହେଲା ପରେ ଏହି ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତିନି ଦିନ ମଧ୍ୟରେ ଦାଖଲ କରିବେ ।

C Behera 23/9/26
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ବେତନଟୀ
Child Development Project Office BETNOTI

ପରିପତ୍ର ସଂଖ୍ୟା : ୨୦୦୫ // ତାରିଖ ୨୩.୦୯.୨୦୨୬

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେତନଟୀଙ୍କନୋଟିସ ବୋର୍ଡ / ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ , ବେତନଟୀଙ୍କ ନୋଟିସ୍ ବୋର୍ଡରେ ଲୋକମାନଙ୍କ ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଟଙ୍ଗାଇ ଦିଆଗଲା ।

C Behera 23/9/26
ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
ବେତନଟୀ
Child Development Project Office BETNOTI